visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
PARYABEKHYAK
ପର୍ଯ୍ୟବେକ୍ଷକ

FIND US ON
facebook.com/paryabekhyak
FOLLOW US
ON TWITTER
twitter.com/paryabekhyak

Vol.23 . No.50, Bhubaneswar Saturday, April 11,2020 | ୨୩ତମ ବର୍ଷ ସଂଖ୍ୟା-୫୦ ଭୁବନେଶ୍ୱର, ଶନିବାର ଅପ୍ରେଲ ୧୧,୨୦୨୦ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

କରୋନା ପାଇଁ ଆଡଭାଇଜରି ଜାରି କଲା କ୍ରାଇମବ୍ରାଂଚ

ଭୁବନେଶ୍ୱର,(ପିଏନ)-କରୋନା ସମ୍ପର୍କରେ ମିଥ୍ୟା ଖବର କିମ୍ବା ଗୁଜବ ପ୍ରଚାର ସଂକ୍ରାନ୍ତରେ ଜନସାଧାରଣଙ୍କୁ ସଚେତନ କରାଇବାକୁ କ୍ରାଇମବ୍ରାଂଚ୍ ପକ୍ଷରୁ ଆଡଭାଇଜରି ଜାରି କରାଯାଇଛି ।

ଏହି ଆଡଭାଇଜରି ଅନୁଯାୟୀ କରୋନାଭାଇରସ୍ ସମ୍ପର୍କରେ କେଣସି ଭିତିହୀନ ତଥା ବିଭ୍ରାନ୍ତିକର ତଥ୍ୟ ଦିଆଯାଇପାରିବ ନାହିଁ । ଏହାଛଡ଼ା କରୋନାଭାଇରସ୍ ସମ୍ବନ୍ଧୀୟ କୌଣସି ଫେକ୍ ୱେବସାଇଟ୍/ଇ-ମେଲ୍ ଆକାଉଂଟ୍ ଖୋଲାଯାଇ ପାରିବ ନାହିଁ । ସେହିପରି କରୋନା ଭାଇରସ୍ ନାଁରେ ନକଲି ଟିକା, ସାନିଟାଇଜର ମଧ୍ୟ ବିକ୍ରୟ କରାଯାଇ ପାରିବ ନାହିଁ । କରୋନା ସ୍ପେସାଲ୍ ଅଫର୍ ନାଁରେ ଅନଲାଇନ୍ ବିକ୍ରି ଉପରେ କଟକଣା ଲାଗୁ ହୋଇଛି । ହ୍ୱାଟସଆପ୍/ଟେଲିଗ୍ରାମ୍ ଜରିଆରେ କରୋନାଭାଇରସ୍ ସମ୍ବନ୍ଧୀୟ ତଥ୍ୟ ପ୍ରଦାନ କରିବା ମନା ବୋଲି ଏଥିରେ ଉଲ୍ଲେଖ କରାଯାଇଛି ।

ବିଶ୍ୱସନୀୟ ସଂସ୍ଥା ତଥା ସରକାରୀସ୍ତରୀୟ ନିର୍ଭୁଲ ତଥ୍ୟ ଅନୁସରଣ କରିବା ସହ ଏହି ସମୟରେ ସାଇବର୍ ଠକେଇରୁ ଦୂରେଇ ରହିବାକୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି ।

କରୋନା ଟେଷ୍ଟିଂ ପାଇଁ ଏମକେସିଜିକୁ ମିଳିଲା ଅନୁମତି

ଭୁବନେଶ୍ୱର, (ପିଏନ)-ବ୍ରହ୍ମପୁର ସ୍ଥିତ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ଏଣିକି କୋଭିଡ୍ -୧୯ ପରୀକ୍ଷା କରାଯିବ । ଏଥିନେଇ ଦିଲ୍ଲୀ ଆଇସିଏମଆର ପକ୍ଷରୁ ଅନୁମତି ମିଳିଛି ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି । ଆସନ୍ତା ୧୩ ତାରିଖରୁ ଏଠାରେ ଟେଷ୍ଟିଂ ଆରମ୍ଭ ହେବ ଏବଂ ଦୈନିକ ଏଠାରେ ୨୫ ଟି ଟେଷ୍ଟିଂ ହୋଇପାରିବ ।

କୋଭିଡ୍ ନୂମନା ଯାଂଚ ପାଇଁ ଅନୁମୋଦନ ପାଇବାରେ କଟକ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲ ପରେ ଏମକେସିଜି ହେଉଛି ଦ୍ୱିତୀୟ ମେଡିକାଲ କଲେଜ ଓ ହସ୍ପିଟାଲ । ଏହାଦ୍ୱାରା ଦକ୍ଷିଣ ଓଡିଶାରେ କରୋନା ପରୀକ୍ଷଣ ସହଜ ହେବା ସହ କରୋନା ବିରୁଦ୍ଧରେ ଓଡିଶାର ଲଢେଇ ଆହୁରି ସୁଦୃଢ ହେବ ବୋଲି କୁହାଯାଇଛି ।

୨୦୧୨ ଟି ଶିବିରରେ ଅଛନ୍ତି ୭୦ ହଜାର ଶ୍ରମଜୀବୀ

ଭୁବନେଶ୍ୱର,(ପିଏନ)- ଓଡ଼ିଶାର ବିଭିନ୍ନ ସ୍ଥାନରେ ଅଟକି ରହିଥିବା ବାହାର ରାଜ୍ୟର ପ୍ରାୟ ୭୦,୦୦୦ ଅତିଥି ଶ୍ରମଜୀବୀଙ୍କୁ ୨୦୧୨ ଟି ଶିବିର ଜରିଆରେ ଖାଇବା ଓ ରହିବା ସୁବିଧା ଯୋଗାଇ ଦିଆଯାଇଛି । ଏହି ସବୁ ଅତିଥି ଶ୍ରମଜୀବୀମାନେ ଦେଶର ଅନ୍ୟାନ୍ୟ ରାଜ୍ୟରୁ ଆସି ଓଡ଼ିଶାର ବିଭିନ୍ନ ସ୍ଥାନରେ ରହିଛନ୍ତି । ଅଭିଯୋଗ ଗ୍ରହଣ ପାଇଁ ଶ୍ରମଜୀବୀ ସହାୟତା କଲ୍ ସେଂଟର ଟୋଲ୍ ଫ୍ରି ନଂ- ୧୮୦୦୩୪୫୬୭୦୩ ଜାରି କରାଯାଇଛି । ସେହିପରି ଆଜି ରାଜ୍ୟର ୫୩୮୫ ଗ୍ରାମ ପଂଚାୟତରେ ୩,୩୧,୮୫୯ ଜଣ ନିରାଶ୍ରୟ ଓ ଅସହାୟ ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି । ସେହିପରି ୧୧୪ଟି ପୌରାଂଚଳରେ ୩୧,୮୩୨ ଜଣଙ୍କୁ ରନ୍ଧାଖାଦ୍ୟ ଦିଆଯାଇଛି ।

ମୁମ୍ବାଇରୁ ଆସିଲା ଟେଷ୍ଟ କିଟ ଓ ଅନ୍ୟାନ୍ୟ ଉପକରଣ

ଭୁବନେଶ୍ୱର, (ପିଏନ)- କୋଭିଡ-୧୯ର ମୁକାବିଲା ପାଇଁ ୪୦୦୦ ଟେଷ୍ଟ ପାଇଁ ଟେଷ୍ଟ କିଟ ଓ ଅନ୍ୟାନ୍ୟ ସାମଗ୍ରୀ ମୁମ୍ବାଇରୁ ଅଣା ଯାଇଛି । ମୁମ୍ବାଇରୁ ସ୍ପେଶାଲ ଏୟାର କାର୍ଗୋ ଜରିଆରେ ଏହା ଅଣା ଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟ୍ୱିଟ କରି ଏହି ସୂଚନା ଦିଆ ଯାଇଛି ।

ତିନିଗୁଣା ହେବ ଆରଏମଆରସିର କରୋନା ପରୀକ୍ଷଣ କ୍ଷମତା

I&PR
ଘରେ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ
ସୂଚନା ଓ ଲୋକ ସମ୍ପର୍କ ବିଭାଗ
ଓଡ଼ିଶା ସରକାର

ଭୁବନେଶ୍ୱର, (ପିଏନ)- ଭୁବନେଶ୍ୱର ସ୍ଥିତ ଆରଏମଆରସି ଠାରେ ବର୍ତମାନ ଦୈନିକ ୩୫୦ଟି ନମୁନା ପରୀକ୍ଷା କରାଯାଉଥିବା ବେଳେ ଏବେ ୧୦୦୦ରୁ ଅଧିକ ନମୁନା ପରୀକ୍ଷା କରାଯାଇ ପାରିବ । ଆରଏମଆରସିରେ ସ୍ଥାପିତ ହୋଇଥିବା ଅତ୍ୟାଧୁନିକ କୋଭାସ୍-୬୮୦୦ ମେସିନ ଦ୍ୱାରା ଏହା ସମ୍ଭବ ହୋଇ ପାରିବ । ଏହାଦ୍ୱାରା ଆରଏମଆରସିର କ୍ଷମତା ୩ ଗୁଣା ବଢି ପାରିବ ବୋଲି ଏହାର ନିର୍ଦ୍ଦେଶିକା ଡ଼. ସଂଘମିତ୍ରା ପତି ସୂଚନା ଦେଇଛନ୍ତି । ଏହି ମସିନ ଦେଶର ନୋଏଡା ବ୍ୟତୀତ କେବ ଭୁବନେଶ୍ୱରରେ ରହିଛି ବୋଲି ସେ କହିଛନ୍ତି ।ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳୀରେ ଯୋଗ ଦେଇ ଡ଼. ପତି କହିଛନ୍ତି ଯେ, କରୋନା ଭୁତାଣୁକୁ ଚିହ୍ନଟ କରିବା ପ୍ରକ୍ରିୟା ଅତ୍ୟନ୍ତ ଜଟୀଳ । ସ୍ୱାବ ନମୁନା ଲାବୋରେଟୋରିକୁ ଆସିବା ପରେ ଅତିକମରେ ପରୀକ୍ଷା ଲାଗି ୧୦ଘଂଟା ସମୟ ଆବଶ୍ୟକ । ଯଦି କୌଣସି ନମୁନା ପଜିଟିଭ ବାହାରେ ତେବେ ତାହାକୁ ପୁଣି ଥରେ ଦୁଇ ଘଂଟା ଲାଗି ପରୀକ୍ଷା କରାଯାଇଥାଏ । ଅନ୍ୟପକ୍ଷରେ ଏହି ପରୀକ୍ଷା କରୁଥିବା ଡାକ୍ତରମାନେ ପିପିଇ ବ୍ୟବହାର କରି ଅତ୍ୟନ୍ତ ସୁରକ୍ଷିତ ଭାବେ ଏହା କରିଥାନ୍ତି । ଯେହେତୁ କରୋନା ଭାଇରସ ଅତ୍ୟନ୍ତ ସଂକ୍ରମଣଶୀଳ, ତେଣୁ ପ୍ରତି ନମୁନାକୁ ଏକ ତ୍ରିସ୍ତରୀୟ ପ୍ୟାକେଜ୍ ଭିତରେ ଲାବ୍ରୋଟାରୀକୁ ଅଣାଯାଇଥାଏ । ସେଠାରେ ସାନିଟାଇଜ୍ କରାଯିବା ପରେ ଏହାକୁ ନିଷ୍କ୍ରିୟ କରାଯିବା ପରେ ହିଁ ପରୀକ୍ଷା କରାଯାଏ । ଏଥିପାଇଁ ଆରଏମଆରସିର ସମସ୍ତ କର୍ମଚାରୀ ବିଏସଏଲ-୩ ପ୍ଲସ ସୁରକ୍ଷା ବ୍ୟବସ୍ଥା ଭିତରେ କାର୍ଯ୍ୟ କରିଥାନ୍ତି ।

ଆରଟିପିସିଆରରେ କରୋନା ଟେଷ୍ଟ ହେଲେ କ୍ୱାରେଂଟାଇନ୍ ବୋଝ ହ୍ରାସ ପାଇବ

ଭୁବନେଶ୍ୱର,(ପିଏନ)- ରାଜ୍ୟରେ ରାପିଡ୍ ଟେଷ୍ଟିଂ କିଟ୍ ବା (ଆରଟିପିସିଆର) ଦ୍ୱାରା କରୋନା ସନ୍ଦିଗ୍ଧମାନଙ୍କର ନମୁନାକୁ ପରୀକ୍ଷା କରାଗଲେ ଏହାର ସୁଦୂର ପ୍ରସାରୀ ହୋଇପାରିବ ଏବଂ ଏହା ଦ୍ୱାରା ଉଭୟ ରାଜ୍ୟବାସୀ ଓ ସରକାର ମଧ୍ୟ ବହୁ ଭାବେ ଉପକୃତ ହୋଇପାରିବେ ବୋଲି ଡିଏମଇଟି ଡାକ୍ତର ସିବିକେ ମହାନ୍ତି କହିଛନ୍ତି ।

ସେ କହିଛନ୍ତି ଯେ ଏବେ ହଜାର ହଜାର ସଂଖ୍ୟାରେ କରୋନା ସନ୍ଦଗ୍ଧମାନେ କ୍ୱାରେଂଟିନ୍ ବା ସଙ୍ଗରୋଧରେ ରହି ନାନା ପ୍ରକାରର ଦୁଃଶ୍ଚିନ୍ତା ଓ ଅଶାନ୍ତି ମଧ୍ୟରେ ଦୀର୍ଘ ୧୪ ଦିନର ନିର୍ବାସନ ଜୀବନ ବିତାଇବାକୁ ବାଧ ହେଉଛନ୍ତି । ସଙ୍ଗରୋଧରେ ଥିବା କିଛି ବ୍ୟକ୍ତି ମାନସିକ ଦୁଶ୍ଚିନ୍ତାରେ ରହି ଦେଶର ଅନ୍ୟତ୍ର ଆମ୍ହତ୍ୟା କରିଥିବାର ନଜିର ମଧ୍ୟ ରହିଛି । ଏବେ ରାପିଡ୍ ଟେଷ୍ଟିଂ କିଟ୍ (ଆରଟିପିସିଆର) ଦ୍ୱାରା କରୋନା ସନ୍ଦିଗ୍ଧମାନଙ୍କର ନମୁନାକୁ ପରୀକ୍ଷା କରିବା ଆରମ୍ଭ କଲେ ଏଥିରୁ ସେମାନଙ୍କୁ ମୁକ୍ତି ମିଳିବ । ସେମାନେ କରୋନା ଆକ୍ରାନ୍ତ କି ନାହିଁ ତାହା ସଙ୍ଗେ ସଙ୍ଗେ ଜଣାପଡ଼ିଯିବ ।

ସରକାରଙ୍କୁ ମଧ୍ୟ କ୍ୱାରେଂଟାଇନ୍ ବା ସଙ୍ଗରୋଧ ଶିବିର ଚଳାଇବାକୁ ପଡ଼ିବ ନାହିଁ । ବର୍ତମାନ ରାଜ୍ୟର ୨୦୬୨ଟି ଶିବିରରେ ୭୦, ୦୦୦ରୁ ଅଧିକ ଲୋକ ରହିଛନ୍ତି । ଏହି ପରୀକ୍ଷା କାର୍ଯ୍ୟକାରୀ କରାଗଲେ ସେମନଙ୍କୁ ତୁରନ୍ତ ପରୀକ୍ଷା କରାଯାଇ ନେଗେଟିଭ୍ ରିପୋର୍ଟ ଥିବା ବ୍ୟକ୍ତିମାନଙ୍କୁ ସେମାନଙ୍କ ଘରକୁ ପଠାଇ ଦିଆଯାଇ ପାରିବ । ଗତ ମାର୍ଚ୍ଚ ୧୬ ତାରିଖ ଠାରୁ ରାଜ୍ୟରେ କରୋନା ନମୁନା ପରୀକ୍ଷା ଆରମ୍ଭ କରା ଯାଇଥିବା ବେଳେ ଆଜି ସୁଦ୍ଧା ୩୨୪୯ଟି ନମୁନାକୁ ପରୀକ୍ଷା କରାଯାଇଛି । ଏଥି ମଧ୍ୟରୁ ମାତ୍ର ୪୮ଟି ନମୁନା ପଜିଟିଭ୍ ଆସିଥିବା ବେଳେ ବାକି ସବୁ ନମୁନା ନେଗେଟିଭ୍ ଆସିଛି ।ସେହିଭଳି କରୋନା ନମୁନା ପରୀକ୍ଷା ସମୟ ସାପେକ୍ଷ ଓ ବ୍ୟୟ ବହୁଳ ହୋଇଥିବା ବେଳେ ଏବେ ରାପିଡ୍ ଟେଷ୍ଟିଂ କିଟ୍ ଦ୍ୱାରା କରୋନା ସନ୍ଦିଗ୍ଧମାନଙ୍କର ନମୁନାକୁ ପରୀକ୍ଷା କରାଗଲେ କେବଳ ପଜିଟିଭ୍ ରିପୋର୍ଟ ଆସୁଥିବା ବ୍ୟକ୍ତିଙ୍କ ନମୁନା ଅଧିକ ପରୀକ୍ଷା ପାଇଁ ପଠାଯିବ ଏବଂ ନେଗେଟିଭ ରିପୋର୍ଟ ଆସୁଥିବା ବ୍ୟକ୍ତି ବା ସନ୍ଦିଗ୍ଧମାନଙ୍କୁ ସେମାନଙ୍କ ପରିବାରକୁ ଫେରି ଯିବାକୁ ହେବ ବୋଲି କହିଛନ୍ତି ଡିଏମ୍ଇଟି ଡାକ୍ତର ମହାନ୍ତି ।

କଳାହାଣ୍ଡିରୁ ଆଉ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,(ପିଏନ)- କଳାହାଣ୍ଡି ଜିଲ୍ଲାରୁ ଆଉ ଜଣେ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ କାଲି ଯେଉଁ ଚାରି ଜଣ ସଂକ୍ରମିତ ହୋଇଥିଲେ ତା ମଧ୍ୟରୁ ଜଣେ କଳାହାଣ୍ଡି ଜିଲ୍ଲାର ବୋଲି ଜଣା ପଡିଛି । ପୂର୍ବରୁ ସଂକ୍ରମିତ ହୋଇଥିବା ଜଣେ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସି ଏହି ବ୍ୟକ୍ତି ଜଣଙ୍କ କରୋନାରେ ସଂକ୍ରମିତ ହୋଇଛନ୍ତି । ଏହା ସହିତ କଳାହାଣ୍ଡି ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦୁଇରେ ପହଂଚିଛି । କଳାହାଣ୍ଡି ଜିଲ୍ଲାର ମୁଖ୍ୟ ଚିକିତ୍ସା ଅଧିକାରୀ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଦ୍ୱିତୀୟ ଆକ୍ରାନ୍ତ ଜଣଙ୍କ ପ୍ରଥମ କରୋନା ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିଲେ । ସେ ତାଙ୍କ ସହ କ୍ରିକେଟ ଖେଳିଥିଲେ । ତାଙ୍କୁ କ୍ୱାରେଂଟାଇନରେ ରଖା ଯାଇଥିଲା । ପରେ ତାଙ୍କର ନମୁନା ପରୀକ୍ଷଣ ପାଇଁ ପଠା ଯାଇଥିଲା । ଗତକାଲି ତାଙ୍କର ନମୁନା ପଜିଟିଭ ଆସିଛି । ତାଙ୍କୁ ଆଜି ଅଶ୍ୱିନୀ ହସପିଟାଲର କୋବିଡ ସେଂଟରକୁ ଚିକିତ୍ସା ପାଇଁ ପଠା ଯିବ ବୋଲି ସେ କହିଛନ୍ତି । ଉଲ୍ଲେଖନୀୟ ଯେ ଗତ ଚାରି ତାରିଖଦିନ କଳାହାଣ୍ଡି ଜିଲ୍ଲାରେ ଜଣେ ୨୯ ବର୍ଷୀୟ ଯୁବକ କରୋନା ସଂକ୍ରମିତ ହୋଇଥିଲେ । ସେ ବାହାରିନରୁ ଫେରିଥିବା ପ୍ରଶାସନ ପକ୍ଷରୁ କୁହା ଯାଇଥିଲା ।

ସମଗ୍ର ଦୁନିଆରେ କରୋନା ଜନିତ ମତ୍ୟୁ ସଂଖ୍ୟା ୭୯,୨୩୬କୁ ବୃଦ୍ଧି

ଜିନେଭା, ଏପ୍ରିଲ୦୯(ହି.ସ)- ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲୁଏଚଓ) ଦ୍ୱାରା ଜାରି ଏକ ଦୈନିକ ବୁଲେଟିନ୍ ଅନୁସାରେ ସମଗ୍ର ବିଶ୍ୱରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୩ ଲକ୍ଷ ୫୩ ହଜାର ୩୬୧ରେ ପହଁଚିଛି । ଏହା ସହିତ ମୃତ୍ୟୁ ସଂଖ୍ୟା ୭୯,୨୩୫କୁ ବୃଦ୍ଧି ଘଟିଛି । ଗତ ଗୋଟିଏ ଦିନରେ ସଂକ୍ରମିତଙ୍କ ସଂଖ୍ୟା ୭୩ ହଜାର ୬୩୯ ବୃଦ୍ଧି ଘଟିଥିବା ବେଳେ ୬,୬୯୫ ଜଣଙ୍କ ମୃତ୍ୟୁ ଘଟିଛି । ଡବ୍ଲୁଏଚଓ କହିଛି ଯେ, ଏ ପର୍ଯ୍ୟନ୍ତ ମୃତ୍ୟୁ ସଂଖ୍ୟାରେ ଗୋଟିଏ ଦିନରେ ଏହା ସବୁଠୁ ବଡ ବୃଦ୍ଧି ।ୟୁରୋପରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ସର୍ବାଧିକ ୭ ଲକ୍ଷ ୨୦ ହଜାର ୨୧୯ ରହିଥିବା ବେଳେ ୫୭ ହଜାର ୩୬୯ ଜଣଙ୍କ ମୃତ୍ୟୁ ଘଟି ସାରିଛି । ଉତର ଓ ଦକ୍ଷିଣ ଆମେରିକା ଦେଶରେ କରୋନା ସଂକ୍ରମିତ ସଂଖ୍ୟା ୪ ଲକ୍ଷ ୧୭ ହଜାର ୪୧୬ ରହିଛି । ଏହି ମହାମାରୀରେ ୧୨ ହଜାର ୫୯୭ ଜଣଙ୍କ ମୃତ୍ୟୁ ଘଟି ସାରିଛି । ମୃତ୍ୟୁ ମାମଲାରେ ଏହା ଦ୍ୱିତୀୟ ସ୍ଥାନରେ ରହିଛି । ସେହିପରି ପଶ୍ଚିମ ପ୍ରଶାନ୍ତ କ୍ଷେତ୍ର ଚୀନ, ଦକ୍ଷିଣ କୋରିଆ ଓ ଜାପାନରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧ ଲକ୍ଷ ୧୪ ହଜାର ୬୬୭ ରହିଥିବା ବେଳେ ଏପ୍ରିଲ ୩ ସୁଦ୍ଧା ୩,୯୨୨ ଜଣଙ୍କ ମୃତ୍ୟୁ ସହିତ ତୃତୀୟ ସ୍ଥାନରେ ରହିଛି ।

ଡବ୍ଲୁଏଚଓ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ଆମେରିକା କରୋନା ଭାଇରସର ୩ ଲକ୍ଷ ୬୩ ହଜାର ୩୨୧ ଆକ୍ରାନ୍ତଙ୍କ ସହ ଶୀର୍ଷରେ ରହିଛି । ଏହା ପରେ ସ୍ପେନ(୧,୪୦,୫୧୦), ଇଟାଲୀ(୧,୩୫,୫୮୬), ଜର୍ମାନୀ(୧,୦୩,୨୨୮) ଓ ଚୀନ(୮୩,୧୫୭) ରହିଛି । ଉଲ୍ଲେଖଯୋଗ୍ୟ, ମାର୍ଚ୍ଚ ୧୧ରେ ଡବ୍ଲୁଏଚଓ କରୋନା ଭାଇରସକୁ ମହାମାରୀ ଘୋଷିତ କରିଥିଲା ।

କରୋନା ମୁକବିଲାରେ କାର୍ଯ୍ୟରତ ୧୧ଟି କ୍ଷମତା ସମ୍ପନ୍ନ ଗୋଷ୍ଠୀର କାର୍ଯ୍ୟ ସମୀକ୍ଷା କଲା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ

ନୂଆଦିଲ୍ଲୀ , (ପିଏନ)- କୋଭିଡ-୧୯କୁ ମୁକାବିଲା କରିବା ଦିଗରେ କାର୍ଯ୍ୟ କରୁଥିବା ୧୧ଟି କ୍ଷମତା ସମ୍ପନ୍ନ ଗୋଷ୍ଠୀର ଅଧିକାରୀମାନଙ୍କ ସହ ଏକ ବୈଠକ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।

ଏହି ମହାମାରୀର ପ୍ରଭାବ ଆକଳନ କରିବା ପାଇଁ ସାମୁହିକ ସମୀକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି, ସେଥିପାଇଁ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଦାୟିତ୍ୱ ନ୍ୟସ୍ତ ଅଧିକାରୀଙ୍କ କାର୍ଯ୍ୟର ସମୀକ୍ଷା କରିଛନ୍ତି । ମହାମାରୀ ମୁକାବିଲା ଦିଗରେ ବିଭିନ୍ନ ସାମଗ୍ରୀ ଯୋଗାଣ କାର୍ଯ୍ୟର ସମୀକ୍ଷା, ସାମାଜିକ ଦୂରତ୍ୱ ରକ୍ଷା, ଫସଲ ଅମଳ କାର୍ଯ୍ୟରେ ସହାୟତା, ତୃଣମୂଳ ସ୍ତରରେ ସ୍ୱରାଷ୍ଟ ମନ୍ତ୍ରଣାଳୟ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶନାମା ପାଳନ ଇତ୍ୟାଦି ବିଷୟରେ ବୈଠକରେ ମୁଖ୍ୟତଃ ଆଲୋଚନା ହୋଇଥିଲା । ଏବେସୁଦ୍ଧା ୧,୪୫,୯୧୬ଟି ନମୁନା ପରୀକ୍ଷା ହୋଇଥିବାରୁ ବୈଠକରେ ସନ୍ତୋଷ ପ୍ରକାଶ ପାଇଥିଲା । ଦାଦନ ଶ୍ରମିକ ଓ ଅନ୍ୟାନ୍ୟ ନିରାଶ୍ରୟ ବ୍ୟକ୍ତିମାନଙ୍କ ରହିବାର ବନ୍ଦୋବସ୍ତ ପାଇଁ ବିଭିନ୍ନ ରାଜ୍ୟର ମୁଖ୍ୟ ଶାସନସଚିବମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ବୈଠକରେ ସୂଚନା ଦିଆଯାଇଥିଲା । କେନ୍ଦ୍ର ସରକାର ବିଭିନ୍ନ ରାଜ୍ୟ ତଥା ଜିଲ୍ଲା ସ୍ତରରେ କାର୍ଯ୍ୟଗୁଡ଼ିକର ତଦାରଖ କରୁଥିବା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ନିୟୋଜିତ ଚିକିତ୍ସକ ଓ ଆ ।ନୁଷଙ୍ଗିକ କର୍ମଚାରୀମାନଙ୍କ ପାଇଁ ବ୍ୟକ୍ତିଗତ ସୁରକ୍ଷା ଉପକରଣ ଯୋଗାଇବା ନେଇ ବୈଠକରେ ସୂଚନା ଦିଆଯାଇଥିଲା । ସମ୍ବଳର ଯଥାର୍ଥ ବିନିଯୋଗ ତଥା ଅନ୍ୟାନ୍ୟ ବିଷୟର ସୁପରିଚାଳନା ପାଇଁ ଜିଲ୍ଲା ସ୍ତରରେ ସ୍ୱେଚ୍ଛାସେବୀ ସଙ୍ଗଠନମାନଙ୍କ ସହ ଯୋଗାଯୋଗ କରିବା ଉପରେ ପ୍ରମୁଖ ସଚିବ ପ୍ରସ୍ତାବ ଦେଇଥିଲେ । ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଅଧୀନରେ ପ୍ରଦାନ କରାଯାଉଥିବା ଆର୍ଥିକ ସହାୟତା ଉପରେ ମଧ୍ୟ ସମୀକ୍ଷା ହୋଇଥିଲା । ପ୍ରକୃତ ହିତାଧିକାରୀମାନଙ୍କ ପାଖରେ ଯେପରି ଏହାର ସୁଫଳ ପହଂଚେ ସେଥିପାଇଁ ସଠିକ ହିତାଧିକାରୀ ଚୟନ ସୁନିଶ୍ଚିତ କରିବା ପାଇଁ ପ୍ରମୁଖ ସଚିବ ଗୁରୁତ୍ୱାରୋପ କରିଥିଲେ । ଦେଶବ୍ୟାପୀ ସଂକ୍ରମଣ ଜନିତ ବିଭିନ୍ନ ସମସ୍ୟାକୁ ଲୋକଲୋଚନକୁ ଆଣିବା ତଥା ସମସ୍ତ ଖବର ଓ ସଚେତନତାର ବାର୍ତା ଆଂଚଳିକ ଭାଷାରେ ପ୍ରଚାର କରିବା ପାଇଁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ବୈଷୟିକ ତଥା ତଥ୍ୟ ପରିଚାଳନାକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ଆରୋଗ୍ୟ ସେତୁ ଆପର ବହୁଳ ପ୍ରୟୋଗ ଉପରେ ମଧ୍ୟ ଆଲୋଚନା ହୋଇଥିଲା । ଏଥିରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀଙ୍କ ସମେତ ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟର ଉଚ୍ଚ ପଦାଧିକାରୀମାନେ ମଧ୍ୟ ଯୋଗଦେଇଥିଲେ ।

୧୦ ଦିନରୁ କମ ସମୟ ମଧ୍ୟରେ ୧.୩୭ ଲକ୍ଷ ଇପିଏଫ ଉଠାଣ ଆବେଦନର ଫଇସଲା

ନୂଆଦିଲ୍ଲୀ , (ପିଏନ)- ଭାରତ ସରକାରଙ୍କ ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟ ଅଧୀନରେ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫଓ) ଏକ ସ୍ଥାୟୀ ସଂସ୍ଥା ଭାବେ କାର୍ଯ୍ୟ କରିଥାଏ । କୋଭିଡ-୧୯ ମହାମାରୀ ବିରୋଧରେ ସଂଗ୍ରାମ ସକାଶେ ଇପିଏଫ ଯୋଜନାରେ ବିଶେଷ ସଂଶୋଧନ ଆଣି ଏହି ସଂସ୍ଥା ଏକ ନୂତନ ବ୍ୟବସ୍ଥା ମାଧ୍ୟମରେ ଅତି କମ୍ ସମୟ ମଧ୍ୟରେ ୧.୩୭ ଲକ୍ଷ ଇପିଏଫ ଉଠାଣକାରୀଙ୍କ ଆବେଦନର ଫଇସଲା କରି ସେମାନଙ୍କୁ ୨୭୯.୬୫ କୋଟି ଟଙ୍କା ପ୍ରଦାନ କରିଛି । ଇତି ମଧ୍ୟରେ ଇପିଏଫ ଉଠାଣକାରୀଙ୍କୁ ସେମାନଙ୍କର ଉଠାଣ ଟଙ୍କା ପ୍ରଦାନ ଆରମ୍ଭ ହୋଇସାରିଛି । ଅଦ୍ୟାବଧି ଏଥିପାଇଁ ଯେଉଁ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି ତାହା ମାଧ୍ୟମରେ କେୱାଇସି ପଦ୍ଧତିରେ ୭୨ ଘଂଟା ଭିତରେ ସମସ୍ତ ଆବେଦନପତ୍ରର ପ୍ରୋସେସିଂ କରାଯାଉଛି ।ଏପରିକି ଯେଉଁମାନେ ଅନ୍ୟ ବର୍ଗରେ ସେମାନଙ୍କର ଅର୍ଥ ଦାବି କରୁଛନ୍ତି, ସେମାନଙ୍କୁ ମଧ୍ୟ ଏଭଳି ମହାମାରୀ ବିରୋଧରେ ଲଢେଇ କରିବା ସକାଶେ ଅର୍ଥ ପ୍ରଦାନ କରାଯାଉଛି । ତେବେ କେୱାଇସି ପଦ୍ଧତିକୁ ଅନୁସରଣ କରି ପ୍ରତ୍ୟେକ ସଦସ୍ୟଙ୍କ କ୍ଷେତ୍ରରେ ଏହି କାର୍ଯ୍ୟ ସଂପାଦନ କରାଯାଉଛି । ପ୍ରତ୍ୟେକ ଦାବି ଆବେଦନକୁ ରେକର୍ଡ଼ ସମୟ ଭିତରେ ଫଇସଲା କରିବାକୁ ସମସ୍ତ ପ୍ରକାର ପ୍ରୟାସ କରାଯାଉଛି ।

କୋଭିଡ-୧୯ ବିରୋଧରେ ଲଢେଇ ନିମନ୍ତେ ଇପିଏଫ ଯୋଜନାରୁ ଟଙ୍କା ଉଠାଣ ସକାଶେ ଏବେ ଏହି ବିଶେଷ ବ୍ୟବସ୍ଥା ଗ୍ରହଣ କରାଯାଇଛି ଯାହାକି ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା (ପିଏମଜିକେୱାଇ) କାର୍ଯ୍ୟକ୍ରମର ଅଂଶବିଶେଷ । ସରକାରଙ୍କ ପକ୍ଷରୁ ଏଭଳି ବିଶେଷ ଯୋଜନା ଘୋଷଣା କରାଯାଇଛି ଏବଂ ଏହି ପରିପ୍ରେକ୍ଷୀରେ ମାର୍ଚ୍ଚ ୨୮, ୨୦୨୦ ତାରିଖ ଦିନ ଇପିଏଫ ଯୋଜନାର ପାରା ୬୮ଏଲ(୩) ପ୍ରବର୍ତ୍ତନ କରାଯିବା ସହ ଏଥିପାଇଁ ଜରୁରିକାଳୀନ ଭାବେ ବିଜ୍ଞପ୍ତି ଜାରି କରାଯାଇଥିଲା । ଏହି ବିଶେଷ ବ୍ୟବସ୍ଥା ଅନୁସାରେ ସଦସ୍ୟମାନେ ତିନିମାସର କିମ୍ବା ନିଜ ମୂଳ ମଜୁରି ଓ ମହଙ୍ଗା ଭତାର ୭୫% ପର୍ଯ୍ୟନ୍ତ ଯାହାକି କର୍ମଚାରୀଙ୍କ ଇପିଏଫ ଆକାଉଂଟରେ ଥିବ ତାହାର ଅଣ-ପରିଶୋଧକ୍ଷମ ଟଙ୍କା ଉଠାଣ କରିପାରିବେ । ତେବେ ଦୁଇଟି ମଧ୍ୟରୁ ଯେଉଁଟି କମ୍ ହୋଇଥିବ ସେମାନଙ୍କୁ ତାହା ହିଁ ମଞ୍ଜୁର କରାଯିବାର ବ୍ୟବସ୍ଥା ରହିଛି । ସଦସ୍ୟମାନେ ଚାହିଁଲେ ଏଥିରୁ କମ୍ ରାଶି ପାଇଁ ମଧ୍ୟ ଆବେଦନ କରିପାରିବେ । ଯେହେତୁ ଏହା ଅଗ୍ରୀମ ରାଶି, ତେଣୁ ତାହା ଉପରେ ଆୟକର କାଟ ଲାଗୁ ହେବନାହିଁ । ଏହି ବ୍ୟବସ୍ଥା ଦ୍ୱାରା ବିପୁଳ ସଂଖ୍ୟକ କର୍ମଚାରୀ ଟଙ୍କା ଉଠାଣ ପାଇଁ ଆଗ୍ରହୀ ହେବେ ବୋଲି ଆଶଙ୍କା କରି, ଇପିଏଫଓ ସଂପୂର୍ଣ୍ଣ ରୂପେ ଏକ ନୂତନ ସଫ୍ଟୱେର ବ୍ୟବହାର କରିଛନ୍ତି ଯାହାକି ସ୍କ୍ରାଚ ଏବଂ ରିସିପ୍ସ ମଡ୍ୟୁଲ ଆଧାରରେ କରାଯାଇଛି । ୨୪ ଘଂଟା ମଧ୍ୟରେ ଏଭଳି ସଫ୍ଟୱେର ପ୍ରବର୍ତନ କରାଯାଇଥିଲା ଓ ୨୯ ମାର୍ଚ୍ଚ, ୨୦୨୦ ଦିନ ତାହା ପ୍ରବର୍ତନ କରାଯାଇଥିଲା । ଅଧିକନ୍ତୁ, ଏଭଳି ଆବେଦନକୁ ସଂପୂର୍ଣ୍ଣରୂପେ କାଗଜରହିତ ଫର୍ମଯୁକ୍ତ କରାଯାଇଛି ଯଦ୍ୱାରା ଏହାକୁ ସାମାଜିକ ଦୂରତା ରକ୍ଷା ପରିସ୍ଥିତିରେ କୌଣସି ଭାବେ ନେଣଦେଣ କରିବାକୁ ପଡ଼ିବ ନାହିଁ । ଯେଉଁ ଆବେଦନକାରୀଙ୍କର କେୱାଇସି ଆବଶ୍ୟକତା ସଂପୂର୍ଣ୍ଣ ଥିବ ଅଟୋ ମୋଡ଼ରେ ପ୍ରତ୍ୟକ୍ଷଭାବେ ସମସ୍ତ ଆବେଦନର ଫଇସଲା କରିବା ଲାଗି ନିଷ୍ପତି ଗ୍ରହଣ କରାଯାଇଥିଲା ।

କୋଭିଡ-୧୯ ମହାମାରୀ ଏବେ ବିଶ୍ୱରେ ମହା ସଂକଟ ସୃଷ୍ଟି କରିଛି ଏବଂ ଏହାର ମୁକାବିଲା ସକାଶେ କର୍ମଚାରୀମାନେ ଜରୁରି ଭାବେ ଅର୍ଥ ଆବଶ୍ୟକ କରୁଛନ୍ତି । ତେଣୁ କୋଭିଡ-୧୯ର ମୁକାବିଲା ପାଇଁ ଏଭଳି ଅଗ୍ରୀମ ଅର୍ଥ ପ୍ରଦାନକୁ ସରକାର ଅଗ୍ରପ୍ରାଧାନ୍ୟ ପ୍ରଦାନ କରିଛନ୍ତି ।

ତେଣୁ ଅନଲାଇନରେ ଏଭଳି ଅଗ୍ରୀମ ଅର୍ଥ ପାଇଁ ଆବେଦନ କରିବାର ବ୍ୟବସ୍ଥା କରାଯାଇଛି । ତେବେ ଏଥିସହ ଆବେଦନପତ୍ରଗୁଡ଼ିକ କେୱାଇସି ଯୁକ୍ତ ହୋଇଥିବା ଆବଶ୍ୟକ । କେୱାଇସି କମ୍ପ୍ଲିଆନ୍ସକୁ ସହଜ କରିବା ନିମନ୍ତେ ଇପିଏଫଓ ଜନ୍ମ ତାରିଖ ସଂଶୋଧନ ସର୍ତକୁ କୋହଳ କରିଛି ଏବଂ ତାହା କେବଳ ମହାମାରୀ କରୋନା ବିରୋଧରେ ସଂଗ୍ରାମ ପରିପ୍ରେକ୍ଷୀରେ କରାଯାଇଛି । ଇପିଏଫଓ କେବଳ କର୍ମଚାରୀଙ୍କ ଆଧାର କାର୍ଡ଼ରେ ରେକର୍ଡ଼ କରାଯାଇଥିବା ଜନ୍ମ ତାରିଖକୁ ପ୍ରମାଣ ପତ୍ର ଭାବେ ଗ୍ରହଣ କରି ପିଏଫ ରେକର୍ଡ଼ରେ ଜନ୍ମ ତାରିଖ ସଂଶୋଧନ କରୁଛି । ତେଣୁ ଏବେ ଇପିଏଫଓ ଦ୍ୱାରା ତିନି ବର୍ଷ ପର୍ଯ୍ୟନ୍ତ ଜନ୍ମ ତାରିଖରେ ଥିବା ବୈଷମ୍ୟକୁ ସଂଶୋଧନ ପାଇଁ ଗ୍ରହଣ କରାଯାଉଛି ।

ବିଜେପିର 'ଫିଡ୍ ଦି ନିଡି- ପ୍ରଧାନମନ୍ତ୍ରୀ ଅନ୍ନ ଯୋଜନା' କାର୍ଯ୍ୟକ୍ରମ

ମାସ୍କ ତିଆରି କରି ବାଣ୍ଟୁଛନ୍ତି ବିଜେପି ନେତ୍ରୀ

ଭୁବନେଶ୍ୱର,(ପିଏନ): ମୁହଁରେ ମାସ୍କ ପିନ୍ଧିବା ସହ ସାମାଜିକ ଦୂରତାକୁ ବଜାୟ ରଖିଲେ ଆମେ କରୋନା ସଂକ୍ରମଣରୁ ନିଜକୁ ରକ୍ଷା କରିପାରିବା । ଏଥିଲାଗି ଏପ୍ରିଲ ୯ ତାରିଖରୁ ସାରା ରାଜ୍ୟରେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି । ଏହି ପରିପ୍ରେକ୍ଷୀରେ ରାଜ୍ୟ ବିଜେପି ସାଂସଦ ସଂଗୀତା କୁମାରୀ ସିଂହଦେଓ, ମହିଳାମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ପ୍ରଭାତୀ ପରିଡା, ମୋର୍ଚ୍ଚାର ଜିଲ୍ଲା ସଭାନେତ୍ରୀ, ନିର୍ବାଚିତ ମହିଳା ଜନ ପ୍ରତିନିଧୀ, ରାଜ୍ୟ ଓ ଜିଲ୍ଲାର ବରିଷ୍ଠ ନେତ୍ରୀବୃନ୍ଦଙ୍କ ସମେତ ମୋର୍ଚ୍ଚାର ସମସ୍ତ ମହିଳା କାର୍ଯ୍ୟକର୍ତାମାନେ ବିଭିନ୍ନ ମହିଳା ସଙ୍ଗଠନ ସହାୟତାରେ ନିଜ ଘରେ ମାସ୍କ ପ୍ରସ୍ତୁତି କରି ସାଧାରଣ ଲୋକଙ୍କୁ ବଂଟନ କରୁଛନ୍ତି । ବର୍ତମାନ ସୁଦ୍ଧା ୫ଲକ୍ଷରୁ ଉର୍ଦ୍ଧ୍ୱ ନିଃସ୍ୱ ଗରିବ ଅସହାୟ ବ୍ୟକ୍ତିଙ୍କ ପାଖରେ ଖାଦ୍ୟ ଏବଂ ଅତ୍ୟାବଶକୀୟ ସାମଗ୍ରୀ ପହଂଚାଇଛନ୍ତି ବିଜେପି କାର୍ଯ୍ୟକର୍ତା । ରାଜ୍ୟ ସଭାପତିଙ୍କ ଶ୍ରୀ ସମୀର ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ୫୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ମାସ୍କ ବଂଟନ କରାଯାଇଛି ।

ସାମାଜିକ ଦୁରତ୍ୱ ବଜାୟ ରଖି 'ଫିଡ୍ ଦି ନିଡି - ପ୍ରଧାନମନ୍ତ୍ରୀ ଅନ୍ନ ଯୋଜନା' କାର୍ଯ୍ୟକ୍ରମରେ ବିଜେପିର ୬ ହଜାରରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତା ବର୍ତମାନ ସୁଦ୍ଧା ରାଜ୍ୟର ୨୧ଟି ସଂସଦୀୟ କ୍ଷେତ୍ର, ୧୪୭ ଟି ବିଧାନସଭା କ୍ଷେତ୍ର, ୪୦୦ଟି ବ୍ଲକ ଓ ପୌରପାଳିକାରେ ବାସ କରୁଥିବା ୧ ଲକ୍ଷ ୭୧ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ରନ୍ଧା ଖାଦ୍ୟ ବଂଟନ କରାଯାଇଛି । ସେହିପରି ୧ ଲକ୍ଷ ୪ ହଜାରରୁ ଉର୍ଦ୍ଧ୍ୱ ପରିବାରକୁ ଶୁଖିଲା ଖାଦ୍ୟ ଏବଂ ରାସନ ସାମଗ୍ରୀ ବଂଟନ କରାଯାଇଛି । ଏଭଳି ସଙ୍କଟ ସମୟରେ ଘରୁ ନବାହାରିବା, ସାମାଜିକ ଦୂରତା ବଜାୟ ରଖିବା, ମାସ୍କ ପରିଧାନ କରିବା ପାଇଁ କାର୍ଯ୍ୟକର୍ତାମାନେ ସାଧାରଣଲୋକଙ୍କୁ ସଚେତନ କରୁଛନ୍ତି ।

ଦୁଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଷଡଙ୍ଗୀ, ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଆହ୍ୱାନକ୍ରମେ ଏବଂ ରାଜ୍ୟ ସଂଯୋଜକ ସୁଦର୍ଶନ ଗୋୟଲଙ୍କ ପ୍ରଚେଷ୍ଟାରେ ବିଜେପି କାର୍ଯ୍ୟକର୍ତା, ବଦାନ୍ୟ ବ୍ୟକ୍ତି ବିଶେଷଙ୍କ ସମେତ ସାମାଜିକ ଓ ବେସରକାରୀ ଅନୁଷ୍ଠାନଗୁଡିକ ପିଏମ କେୟାର୍ସ ଫଣ୍ଡକୁ ୩୨ ଲକ୍ଷ ରୁ ଉର୍ଦ୍ଧ୍ୱ ଅର୍ଥ ପଠାଇଛନ୍ତି । ଏହାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ କାର୍ଯ୍ୟକର୍ତାମାନେ ବିଭିନ୍ନ ବଦାନ୍ୟ ବ୍ୟକ୍ତିମାନଙ୍କୁ ସାମିଲ କରୁଛନ୍ତି । 'ଆରୋଗ୍ୟ ସେତୁ' ମୋବାଇଲ ଆପ୍ଲିକେସନ ମାଧ୍ୟମରେ ସାଧାରଣ ଜନତା କରୋନା ଭୂତାଣୁ ସଂକ୍ରମଣ ଠାରୁ ନିଜକୁ ଦୂରେଇ ରଖିପାରିବେ । ଏହି ଆପ୍ ମାଧ୍ୟମରେ କରୋନା ଭୂତାଣୁକୁ ନେଇ କିଛି ସନ୍ଦେହ ଥିଲେ ସାଧାରଣ ଜନତା ବିଷେଶଜ୍ଞମାନଙ୍କ ଠାରୁ ପରାମର୍ଶ ନେଇ ପାରିବେ । ରାଜ୍ୟ ବିଜେପିର ୫୦ହଜାରରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତା ଏହି 'ଆରୋଗ୍ୟ ସେତୁ' ମୋବାଇଲ ଆପ୍ଲିକେସନକୁ ନିଜ ମୋବାଇଲରେ ବ୍ୟବହାର କରିବା ସହ ଅନ୍ୟମାନଙ୍କୁ ଏହି ଆପ୍ ବ୍ୟବହାର କରିବା ପାଇଁ ପ୍ରବର୍ତାଉଛନ୍ତି ।

କରୋନାକୁ ମୁକାବିଲା କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମଗ୍ର ଦେଶବାସୀଙ୍କୁ ଘରେ ରହିବା ସହ ସମାଜିକ ଦୂରତାକୁ ବଜାୟ ରଖିବା ପାଇଁ ଅନୁରୋଧ କରିଛନ୍ତି । ଏହା ସହ – ଖାଦ୍ୟ ଅଭାବରୁ କାହାକୁ ଭୋକିଲା ନରଖିବା, ଘରେ ମାସ୍କ ତିଆରି କରି ଗରିବ ଲୋକଙ୍କୁ ବଂଟନ କରିବା, ପିଏମ କେୟାର୍ସକୁ ମୁକ୍ତ ହସ୍ତରେ ଦାନ କରିବା, ଆରୋଗ୍ୟ ସେତୁ ଆପ୍ କୁ ବ୍ୟବହାର କରି ନିଜେ ସୁରକ୍ଷିତ ରହିବା ଏବଂ କରୋନା ସଂଗ୍ରାମ ସହ ଲଢେଇ କରୁଥିବା ଡାକ୍ତର, ନର୍ସ, ପାରାମେଡିକ ଷ୍ଟାଫ, ପୁଲିସ କର୍ମଚାରୀ, ସଫେଇ କର୍ମଚାରୀ, ବ୍ୟାଙ୍କ ଓ ପୋଷ୍ଟାଲ କର୍ମଚାରୀଙ୍କ ସମେତ ସରକାରୀ କର୍ମଚାରୀମାନଙ୍କୁ ପତ୍ର ମାଧ୍ୟମରେ ଧନ୍ୟବାଦ ଦେବା ପାଇଁ ଅନୁରୋଧ କରିଛନ୍ତି ।କରୋନାକୁ ମୁକାବିଲା କରିବା ପାଇଁ ସାରା ଦେଶ ଏକାଠୀ ହୋଇଛି । ଏହି ସଂକ୍ରମଣକୁ ରୋକିବା ପାଇଁ ସବୁ ସ୍ତରରେ ବିଭିନ୍ନ ପ୍ରୟାସ ଅବ୍ୟାହତ ରହିଛି । ଆଗାମୀ ଦିନରେ ଏହି କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରାଯିବ ବୋଲି ରାଜ୍ୟ ମୁଖପାତ୍ର ତଥା 'ଫିଡ୍ ଦି ନିଡି - ପ୍ରଧାନମନ୍ତ୍ରୀ ଅନ୍ନ ଯୋଜନା'ର ରାଜ୍ୟ ସଂଯୋଜକ ଶ୍ରୀ ଗୋଲକ ମହାପାତ୍ର କହିଛନ୍ତି ।

ପର୍ଯ୍ୟବେକ୍ଷକ
PARYABEKHYAK

Bhubaneswar Saturday, April 11,2020 ଭୁବନେଶ୍ୱର ଶନିବାର ଅପ୍ରେଲ ୧୧,୨୦୨୦ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮

ମହୁଲ ସଂଗ୍ରହ ଓ ବିକ୍ରି ଉପରେ କରୋନା ପ୍ରଭାବ

କନ୍ଧମାଳର ୧୦ ହଜାର ଆଦିବାସୀ ମହିଳା ପ୍ରଭାବିତ

କନ୍ଧମାଳ, (ପିଏନ)- କରୋନା ଭାଇରସ ସଂକ୍ରମଣର ପ୍ରଭାବ ଯୋଗୁଁ ସରକାର ଦେଶବ୍ୟାପୀ ୨୧ ଦିନିଆ ଲକଡାଉନ୍ ଘୋଷଣା କରିଛନ୍ତି। ଫଳରେ ଦୋକାନ ବଜାର, ଗାଡିମୋଟର ଚଳାଚଳ ସବୁକିଛି ବନ୍ଦ ରହିଛି। ଲୋକମାନଙ୍କୁ ସଂକ୍ରମଣରୁ ଦୂରେଇ ରଖିବା ପାଇଁ ଘରୁ ନବାହାରିବା ଲାଗି ପ୍ରଶାସନ ପରାମର୍ଶ ଦେଇଛି। ଅତି ଆବଶ୍ୟକ ସ୍ଥଳେ ଘରୁ ସତର୍କତା ଅବଲମ୍ବନ କରି ବାହାରିବା ଲାଗି କୁହାଯାଇଛି। ବଜାରରେ ସାମାଜିକ ଦୂରତା ଅବଲମ୍ବନ କରିବାଲାଗି ମଧ୍ୟ ପ୍ରଶାସନ କଡା ନିର୍ଦ୍ଦେଶ ଦେଇଛି। ଫଳରେ ଲୋକେ ଘରୁ ବାହାରକୁ ବାହାରୁନାହାଁନ୍ତି। ଏବେ ମହୁଲ ଫୁଲ ସଂଗ୍ରହର ସମୟ। ମହୁଲ ଗଛରେ ଫୁଲ ମଧ୍ୟ ଆସିଯାଇଛି। କନ୍ଧମାଳ ଜିଲ୍ଲାର ୧୦ ହଜାର ହରିଜନ ଆଦିବାସୀ ମହିଳା ମାନେ ମହୁଲ ଫୁଲ ସଂଗ୍ରହ କରିଥାନ୍ତି। ମହୁଲ ସଂଗ୍ରହ କରିବାଲାଗି ମହିଳା ମାନେ ଭୋରରୁ ଉଠି ପାଖ ଜଙ୍ଗଲକୁ ଯାଇ ମହୁଲ ଫୁଲ ସଂଗ୍ରହ କରି ଆଣିଥାନ୍ତି। ତାକୁ ଶୁଖାଇବା ପରେ ବଜାରରେ ବ୍ୟବସାୟୀଙ୍କୁ ବିକ୍ରି କରିଥାନ୍ତି। ମହୁଲ ଫୁଲ କିଲୋ ୨୫ରୁ ୩୦ ଟଙ୍କାରେ ବିକ୍ରି ହୋଇଥାଏ। ତେବେ, ଏ ବର୍ଷ କରୋନା ଯୋଗୁଁ ଲକଡାଉନ୍ ହୋଇଛି। ପୋଲିସ ପେଟ୍ରୋଲିଂ ମଧ୍ୟ ହେଉଛି ସବୁଆଡେ। ଲୋକଙ୍କୁ ସଚେତନତା ମଧ୍ୟ କରାଯାଉଛି ଗାଁ ଗାଁରେ। ଫଳରେ ମହିଳା ମାନେ ମହୁଲ ଫୁଲ ସଂଗ୍ରହ ପାଇଁ ପ୍ରାୟତଃ ଯାଉନାହାଁନ୍ତି। କାଁ ଭାଁ କିଛି କିଛି ମହିଳା ଘର ପାଖାପାଖି ଥିବା ମହୁଲ ଗଛରୁ ମହୁଲକୁ ସଂଗ୍ରହ କରି ରଖିଥିଲେ ମଧ୍ୟ ତାଙ୍କର ମହୁଲ କିଣିବାକୁ ବେପାରୀ ନାହାଁନ୍ତି। ଦୋକାନ ବଜାର ବନ୍ଦ। ମହୁଲ ସଂଗ୍ରହ କିମ୍ବା ଗଚ୍ଛିତ ରଖିବାଲାଗି ଲାଇସେନ୍ସ ମଧ୍ୟ ଅବକାରୀ ବିଭାଗ କାହାରିକୁ ଦେଇନଥିବା ଜଣାପଡିଛି। ଫଳରେ ମହୁଲ ସଂଗ୍ରହ କରି ଏପ୍ରିଲ ଓ ମେ ମାସରେ ମହିଳା ମାନେ ପରିବାର ପିଛା ହଜାରେରୁ ୨ ହଜାର ଟଙ୍କା କିଏ କିଏ ୫ ହଜାର ଟଙ୍କା ମଧ୍ୟ ରୋଜଗାର କରିଥାନ୍ତି। ଫଳରେ ଏହି ପଇସା ପରିବାର ଚଳାଇବାରେ ପିଲାମାନଙ୍କ ପାଠପଢା, ଡ୍ରେସ, ଚପଲ ଆଦିରେ ଖର୍ଚ୍ଚ କରିଥାନ୍ତି। କାରଣ ପରୀକ୍ଷା ସରିବା ପରେ ମହୁଲ ଆସୁଥିବାରୁ ବିଶେଷ କରି ମା'ମାନଙ୍କ ସହ ପିଲାମାନେ ମଧ୍ୟ ସଂଗ୍ରହରେ ସାହାଯ୍ୟ କରିଥାନ୍ତି, ନିଜେ ନିଜେ ବି ମହୁଲ ଗୋଟାଇଥାନ୍ତି। ଏ ବର୍ଷ କରୋନା ଯୋଗୁଁ ଜିଲ୍ଲାର ପ୍ରାୟ ୧୦ ହଜାର ଆଦିବାସୀ ମହିଳା କ୍ଷତିଗ୍ରସ୍ତ ହୋଇଛନ୍ତି। ଏନେଇ ତୁଡିପାଜୁ ଗ୍ରାମର ସବିତା କହଁରଙ୍କୁ ପଚାରିବାରେ ସେ କହିଲେ ଯେ, ପିଲା ଦିନରୁ ସେ ମହୁଲ ସଂଗ୍ରହ କରିଆସୁଥିଲେ। ଆଗରୁ କିଲୋ ଟଙ୍କାଏ ୨ଟଙ୍କା ଥିବାବେଳେ ଏବେ ୨୫ରୁ ୩୦ ଟଙ୍କା ମିଳୁଛି। କେଉଁବର୍ଷ ମହୁଲ କମ୍ ଆସିଲେ କମ୍ ଟଙ୍କା ମିଳିଥାଏ। ଯେଉଁବର୍ଷ ଅଧିକା ମହୁଲ ଆସେ ସେ ବର୍ଷ ଢେର ଅଧିକା ଟଙ୍କା ରୋଜଗାର ହୋଇଥାଏ। ହେଲେ ଏ ବର୍ଷ ମହୁଲ ସେତେ ଭଲ ନଆସିଥିଲେ ମଧ୍ୟ କରୋନା ପାଇଁ ଜଙ୍ଗଲକୁ ମହୁଲ ସଂଗ୍ରହ କରିବା ପାଇଁ ଗାଁର ମହିଳା ମାନେ ଯାଉନଥିବା କହିଛନ୍ତି ସବିତା। ମହୁଲ ସଂଗ୍ରହ ଠାରୁ କରୋନା ଭାଇରସ ସଂକ୍ରମଣ ସବୁଠୁ ବିପଦ। ଘରେ ରହି ନିଜର ଓ ପରିବାରର ସୁରକ୍ଷା କରିବାର ସମୟ ଆସିଛି। ତେବେ, ସରକାର ଏହାକୁ ବିଚାର କରି ମହୁଲ ସଂଗ୍ରହକାରୀଙ୍କୁ ଯଦି କିଛି ଆର୍ଥିକ ସାହାଯ୍ୟ ପ୍ରଦାନ କରନ୍ତେ, ତାହେଲେ ଖୁସି ହୋଇଥାନ୍ତେ ବୋଲି କହିଛନ୍ତି ସବିତା।

କଟକ ପଟ୍ଟାପୋଲ ଅଂଚଳରେ ଘର ଘର ବୁଲି ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି ସ୍ୱାସ୍ଥ୍ୟକର୍ମୀ

କନ୍ଧମାଳ ଫ୍ରେସ ପକ୍ଷରୁ ଭ୍ରାମ୍ୟମାଣ କିରାନା ସାମଗ୍ରୀ ଓ ପନିପରିବା ବିକ୍ରୟ ଆରମ୍ଭ

କନ୍ଧମାଳ,(ପିଏନ)- ଲକଡାଉନ୍ ପାଇଁ ଦେଶବ୍ୟାପୀ ଦୋକାନ ବଜାର ଗାଡିମୋଟର ସବୁ ବନ୍ଦ ରହିଛି। ଲୋକଙ୍କୁ ଘରୁ ବାହାରକୁ ନବାହାରିବା ଲାଗି ପ୍ରଶାସନ ପରାମର୍ଶ ଦେଇଛି। ଫଳରେ ଲୋକେ ଘରେ ରହୁଛନ୍ତି। କମ୍ ଦୋକାନ ବଜାର ସକାଳ ୭ରୁ ୧୧ଟା ଯାଏଁ ଖୋଲୁଛି। ଫଳରେ ଲୋକଙ୍କ ଭିଡ଼ ଜମୁଛି। ସାମାଜିକ ଦୂରତା ରକ୍ଷା କରାଯାଇପାରୁନି। ଏହାକୁ ଦୃଷ୍ଟିରେ ରଖି ଜି.ଉଦୟଗିରି ସହରର ଲୋକମାନଙ୍କୁ ସାହି ସାହି ବୁଲି ଭ୍ରାମ୍ୟମାଣ ସଉଦା ଓ ପନିପରିବା ସୁଲଭ ମୂଲ୍ୟରେ ଯୋଗାଇ ଦେବାଲାଗି ସ୍ୱାତୀ ସହାୟତାରେ କନ୍ଧମାଳ ଫ୍ରେସ ଦାୟୀତ୍ୱରେ ଥିବା କୃଷି ଉତ୍ପାଦ ଗୋଷ୍ଠୀ ଏବେ ଅଂଟା ଭିଡ଼ିଛି । ଏହି କାର୍ଯ୍ୟକ୍ରମକୁ ସ୍ୱାତୀର ମୁଖ୍ୟ ଇଂ. ହରିଶଙ୍କର ରାଉତ, ଉଦ୍ୟାନ କୃଷିର ଉପନିର୍ଦ୍ଦେଶକ ମନୋଜ ଦାସ, ବିଡିଓ ଶାନ୍ତନୁ ନାଏକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଫଳରେ ଲୋକମାନେ ଘର ସମ୍ମୁଖରେ ଆବଶ୍ୟକ ରାସନ ଓ ପନିପରୀବା ଆଦି କିଣିପାରୁଥିବାରୁ ଖୁସିବ୍ୟକ୍ତ କରିଛନ୍ତି। ଏପଟେ ପ୍ରଶାସନ ପକ୍ଷରୁ ବଜାରକୁ ବାଇକ୍ କିମ୍ବା ୪ ଚକିଆ ଗାଡି ଆଣିବାଲାଗି ବାରଣ କରାଯାଉଛି । ଯେଉଁଥିପାଇଁ ଚାଲି ଚାଲି ଆସି ଲୋକଙ୍କୁ ଜିନିଷପତ୍ର କିଣିବାକୁ ପଡୁଥିଲା। ସେ ପୁଣି ସକାଳ ୭ରୁ ୧୧ଟା ମଧ୍ୟରେ। ଫଳରେ ଲୋକେ ମଧ୍ୟ ଅସୁବିଧାର ସମ୍ମୁଖିନ ହେଉଥିଲେ। ଏବେ ଏହି ଭ୍ରାମ୍ୟମାଣ ରାସନ ଓ ପନିପରିବା ଗାଡିର ଶୁଭାରମ୍ଭ ହେବାପରେ ଲୋକେ ଘର ସମ୍ମୁଖରେ ସମସ୍ତ ଜିନିଷପତ୍ର କିଣିପାରୁଥିବା କହିଛନ୍ତି।

ଜିଲା ପ୍ରଶାସନର ଘୋଷଣା ପରେ ମଧ୍ୟ ନିଷିଦ୍ଧାଚଂଳକୁ ଶିଶୁ ଖାଦ୍ୟ ଓ ପନିପରିବା ପଂହଚି ପାରିଲା ନାହିଁ

ଧର୍ମଶାଳା, (ପିଏନ)- ଜିଲା ପ୍ରଶାସନର ଘୋଷଣା ପରେ ମଧ୍ୟ ନିଷିଦ୍ଧାଚଂଳକୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ପଂହଚି ନ ଥିବାରୁ ଅନେକ ଗ୍ରାମରେ ଅସନ୍ତୋଷ ପ୍ରକାଶ ପାଇବା ସହିତ ଲୋକେ ଖାଦ୍ୟ ଖାଇବାରୁ ବଂଚିତ ହୋଇଛନ୍ତି । ଏଭଳି ଅଭିଯୋଗ ହୋଇଛି ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ପଂଚାୟତରେ । ଏହି ପଂଚାୟତର କୋଠଡିହ, ବଡରାଏପଡା, ବାଙ୍କସାହି ଆଦି ଗ୍ରାମକୁ ଜିଲା ପ୍ରଶାସନ ନିଷିଦ୍ଧାଚଂଚଳ ଭାବେ ଘୋଷଣା କରିଛନ୍ତି ।

ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦାରେ ଚଳିତ ମାସ ୪ ତାରିଖ ଶନିବାର ଦିନ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ପ୍ରଶାସନ ତତ୍ପର ହୋଇ ଉଠିଥିଲା । ଜିଲାରେ କରୋନା ସଂକ୍ରମଣର ଆଶଙ୍କା ବୃଦ୍ଧି ପାଉଥିବାରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି । ପ୍ରଥମେ ଶନିବାର ଦିନ ବ୍ରହ୍ମବରଦାକୁ ସଟ୍ ଡାଉନ ଘୋଷଣା କରାଯିବା ସହିତ ବ୍ରହ୍ମବରଦାର ଆଖପାଖ ୩ କିମି ପର୍ଯ୍ୟନ୍ତ ସୀମାକୁ ସିଲ କରାଯାଇଥିଲା । ୪୮ ଘଂଟା ପରେ ଜିଲା ପ୍ରଶାସନ ପକ୍ଷରୁ ଏହି ବ୍ରହ୍ମବରଦାକୁ ମିଶାଇ ୧୨ ଗୋଟି ଗ୍ରାମକୁ ନିଷିଦ୍ଧାଚଂଳ ଭାବେ ଘୋଷଣା କଲେ ଗତ କାଲି ଅପରାହ୍ନରେ ଜିଲାପାଳ ଏହି ନିଷିଦ୍ଧାଚଂଳର ଅବଧିକୁ ୧୨ ତାରିଖ ରାତି ୮ଟା ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ଫଳରେ ଜନସାଧାରଣ ଅତ୍ୟାବଶ୍ୟକୀୟ ସାମଗ୍ରୀ ହାତ ପାହାନ୍ତାରେ ଯୋଗାଇ ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା । ଏହି ତିନି ଗ୍ରାମର ଦାୟିତ୍ୱ ଧର୍ମଶାଳା ବିଡିଓଙ୍କୁ ଦିଆଯାଇଥିଲା । ହେଲେ ୪ ଦିନ ବିତିଯାଇଥିଲେ ମଧ୍ୟ ଅତ୍ୟାବଶ୍ୟକୀୟ ସାମଗ୍ରୀ ଲୋକଙ୍କ ପାଖରେ ପଂହଚି ନ ଥିବା ନେଇ ଅଭିଯୋଗ ହୋଇଥିଲା । ଅଭିଯୋଗ ପାଇ ରସୁଲପୁର ବ୍ଲକ ପ୍ରଶାସନ ପକ୍ଷରୁ ଧର୍ମଶାଳା ବ୍ଲକ କୋଠଡିହ ଓ ରସୁଲପୁର ବ୍ଲକ ବ୍ରହ୍ମବରଦା ଓ ମହେଶ୍ୱରପୁର ଅଂଚଳରେ ଗାଡି ମାଧ୍ୟମରେ ଅତ୍ୟାବଶ୍ୟକୀୟ ସାମଗ୍ରୀ ପଂହଚା ଯାଇଥିଲା । ହେଲେ ପନିପରିବା ଯୋଗାଇ ଦିଆଯାଇ ନ ଥିବା ବେଳେ ଶିଶୁ ଆହାର ଓ କ୍ଷୀର ଯୋଗାଇ ଦିଆଯାଇ ନଥିବାରୁ ଶିଶୁମାନେ ନାନା ଅସୁବିଧାରେ ସମ୍ମୁଖୀନ ହୋଇଛନ୍ତି । ଅନ୍ୟପକ୍ଷରେ ସାବୁନ ଲୋକଙ୍କ ପାଖରେ ମହଜୁଦ ନ ଥିବାରୁ ହାତ ଧୁଆ ପାଇଁ ନାନା ଅସୁବିଧାରେ ସମ୍ମୁଖୀନ ହୋଇଛନ୍ତି । ଏହି ସବୁ ସାମଗ୍ରୀ ତୁରନ୍ତ ଯୋଗାଇ ଦେବାକୁ ଜିଲା ପ୍ରଶାସନ ନିକଟରେ ଦାବି ହୋଇଛି ।

କରୋନା ପ୍ରଭାବରେ ଚୋରା ମଦ କାରବାର ବୃଦ୍ଧି

ସଚେତନତା ସୃଷ୍ଟି ପାଇଁ ଅଂଟା ଭିଡିଲେ ଧର୍ମଶାଳା ଥାନା ଅଧିକାରୀ

ଧର୍ମଶାଳା, (ପିଏନ)- କରୋନା ଭୂତାଣୁ ସଂକ୍ରମଣ ଆତଙ୍କରେ ସମ୍ପୂର୍ଣ୍ଣ ଦେଶବାସୀ ଆତଙ୍କିତ । ଲକ୍ ଡାଉନ ସମୟ ଅବଧି ବୃଦ୍ଧି ହୋଇଛି । ରାଜ୍ୟରେ ଲକ୍ ଡାଉନ, ସଟ୍ ଡାଉନ ତ କେଉଁଠି ନିଷିଦ୍ଧାଚଂଳ ଭାବେ ଘୋଷିତ ହୋଇଛି । ଏହାର ପ୍ରଭାବରେ ଜନସାଧାରଣଙ୍କୁ ଘରୁ ନ ବାହାରିବାକୁ ସରକାରଙ୍କ ପକ୍ଷରୁ ସଚେତନ କରୁଛନ୍ତି । ମୁକାବିଲା କରିବା ପାଇଁ ସମସ୍ତେ ବ୍ୟସ୍ତ । ଲୋକେ ଅତ୍ୟବଶ୍ୟକୀୟ ସାମଗ୍ରୀ ସଠିକ୍ ସମୟରେ ପଂହଚି ପାରୁ ନାହିଁ । ଅନ୍ୟପକ୍ଷରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ଲୋକମାନଙ୍କୁ ଖାଦ୍ୟ ଦିଆଯାଉଛି । ଏହି ଲକ୍ ଡାଉନ ପ୍ରଭାବରେ ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଛି । ହେଲେ କେତେକ ଚୋରା ମଦ ବେପାରୀ ଘରେ ମଦ ମହଜୁଦ ରଖି ମଦ୍ୟପମାନଙ୍କୁ ୪ଗୁଣା ଦରରେ ବିକ୍ରୀ କରିବା ସହିତ ଗୋଟିଏ ସ୍ଥାନରେ ରୁଣ୍ଡ ହେଉଛନ୍ତି । ଏହି ବିପତି ସମୟରେ ଧର୍ମଶାଳା ଥାନା ଅନ୍ତର୍ଗତ ନୀଳକଣ୍ଠପୁର ଓ ଦେଓଦାର କେତେକ ଅଂଚଳରେ ବ୍ୟାପକ ଚୋରା ମଦ କାରବାର ହେଉଥିବା ନେଇ ଧର୍ମଶାଳା ଥାନାରେ ଅଭିଯୋଗ ହୋଇଛି । ପୁଲିସ ସାଇରନ ଶୁଣି ବେପାରୀମାନେ ଆଗୁଆ ଦୋକାନ ଓ ଘର ଆଗରୁ ଲୋକମାନଙ୍କୁ ବିଦା କରିଦେଉଥିବା ଜଣାପଡିଛି । ଅଭିଯୋଗକୁ ଭିତି କରି ଆଜି ଅପରାହ୍ନରେ ଧର୍ମଶାଳା ଥାନା ଅଧିକାରୀ ସଦଳବଳେ ଏହି ଦୁଇଟି ସ୍ଥାନରେ ପଂହଚି ଡାକବାଜି ଯନ୍ତ୍ର ମାଧ୍ୟମରେ ଲୋକମାନଙ୍କୁ ସତର୍କ କରାଇଦେଇଛନ୍ତି । ଯଦି ପୁର୍ନବାର ଅଭିଯୋଗ ଆସେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନା ଅଧିକାରୀ ସରୋଜ କୁମାର ସାହୁ ଚେତାବନୀ ଦେଇଛନ୍ତି ।

କରୋନା ମୁକାବିଲା, ସଚେତନତା ପାଇଁ ହାତରେ ଠେଙ୍ଗାଧରି ବାହାରିଲେ ମହିଳା

ଜୟପୁର, (ପିଏନ)- ସାରା ବିଶ୍ୱରେ କରୋନା ଭାଇରସ ଆତଙ୍କ ଖେଳାଇଥିବାବେଳେ ଏହାକୁ ମୁକାବିଲା କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରି ଲକ୍ ଡାଉନ୍ ଜାରି କରିଛନ୍ତି। କରୋନା ମହାମାରି କବଳରୁ ବଂଚିବା ପାଇଁ ଚାଲିଛି ଅହରହ ସଂଗ୍ରାମ। କିନ୍ତୁ ଯେତେ ସଚେତନ କଲେବି ଅମାନିଆ ଲୋକେ ସଚେତନ ହେଉନାହାନ୍ତି କି ଘରେ ରହୁନାହାଁନ୍ତି। ଲୋକଙ୍କୁ ସଚେତନ କରିବା ପାଇଁ ହାତରେ ଠେଙ୍ଗାଧରି ରାଜରାସ୍ତାକୁ ଓହ୍ଲାଇଛନ୍ତି ମହିଳା। ଏପରି ଘଟଣା ଦେଖିବାକୁ ମିଳିଛି କୋରାପୁଟ ଜିଲା ଜୟପୁର ପୌରାଂଚଳର ୨୨ ନମ୍ବର ୱାର୍ଡରେ ।

ସ୍ୱାସ୍ଥ୍ୟ ବିଭାଗର ଆନୁକୁଲ୍ୟରେ ଜୟପୁର ପୌରାଂଚଳର ୨୨ ନମ୍ବର ୱାର୍ଡରେ ରାଜୁସାହି ୧୫ ଜଣ ମହିଳା ମିଶି ଗତ ୨୦୧୫ ମସିହାରେ ଧରିତ୍ରୀ ମହିଳା ଆରୋଗ୍ୟ ସମିତି ନାମରେ ଏକ ସମିତି ଗଠନ କରିଛନ୍ତି। ଏହି ସମିତି ଗଠନ ହେବାପରେ ଅଂଚଳର ଗର୍ଭବତୀ ମହିଳାଙ୍କୁ ମମତା ଯୋଜନାରେ ସାମିଲ କରିବା, ସେମାନଙ୍କୁ ଟୀକାକରଣ ଦିବସରେ ସାମିଲ କରିବା ସହ ମେଡ଼ିକାଲକୁ ନେଇ ଆଲଟ୍ରାସାଉଣ୍ଡ, ଅସ୍ୱପ୍ରଚାର ପରି ମହାନ କାର୍ଯ୍ୟକରି ଆସୁଛନ୍ତି। ଏମିତିକି ଦେଶି ମଦବିକ୍ରିକୁ ବିରୋଧ, ପୋଲିସର ସହାୟତା ଜୁଆଖେଳ ବନ୍ଦ ଅସହାୟ ଲୋକଙ୍କୁ ସହାୟତା କରି ଚିକିତ୍ସାଳୟ ନେବା ଆଦି ମାନିବକତା କାର୍ଯ୍ୟକରି ଅଂଚଳରେ ଚର୍ଚ୍ଚିତ ହୋଇଥିବାବେଳେ ବର୍ତ୍ତମାନ କରୋନା ପାଇଁ ପାଦେ ଆଗକୁଯାଇ ସଚେତନତା କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ପୌରାଂଚଳର ୨୨ ୱାର୍ଡର ରାଜୁସାହି, ଗୋଡିଆ ଧୋବାସାହି, ମାଦଳା ସାହି, ଗୋଡିଆ ମାଳିସାହି, ପାଇଲ ସାହିର ରାସ୍ତାରେ ମହିଳାମାନେ ହାତରେ ଠେଙ୍ଗାଧରି ଲୋକଙ୍କୁ ସଚେତନ କରୁଛନ୍ତି। ୧୧ ଘଂଟା ପରଠାରୁ କେହି ଘରୁ ବାହାରନ୍ତୁ ନାହିଁ। ହାତଧୁଆ ଉପରେ ସଚେତନତା, ମାସ୍କ ପିନ୍ଧି ଉପରେ ସଚେତନତା ସହ ଦୋକାନ, ବଜାରରେ ସମଦୂରତା ରକ୍ଷା କରିବା ପାଇଁ ସକାଳ ୧୧ଠାରୁ ୨ଟା ଯାଏଁ ସଂନ୍ଧ୍ୟା ୬ରୁ ରାତ୍ର ୧୦ ଯାଏଁ ମହିଳାମାନେ ରାସ୍ତାରେ ପଇଁତରା ମାରି ଲୋକଙ୍କୁ ସଚେତନ କରୁଛନ୍ତି।

ଜୁଆ ଆଡ୍ଡା ଉପରେ ଚଢ଼ଉ : ୧୫ ଗିରଫ

ଗଞ୍ଜାମ, (ପିଏନ)- ଗଞ୍ଜାମ ଜିଲ୍ଲା ଗାଙ୍ଗପୁର ଥାନା ଅନ୍ତର୍ଗତ ବରପଲ୍ଲୀ ଗ୍ରାମରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ପୋଲିସ ପକ୍ଷରୁ ଚଢ଼ଉ କରାଯାଇ ୯ ଜଣ ଜୁଆଡ଼ିଙ୍କୁ ଗିରଫ କରାଯିବା ସହିତ ସେମାନଙ୍କ ନିକଟରୁ ନଗଦ ୮୧୦୦ ଟଙ୍କା ଓ ୩ଟି ମୋବାଇଲ ଜବତ କରାଯାଇଥିଲା । ଏ ସଂକ୍ରାନ୍ତରେ କେସ୍ ନଂ ୮୭/୨୦ ରେ ଏକ ମାମଲା ରୁଜୁ ହୋଇଛି । ଗିରଫ ଅଭିଯୁକ୍ତ ମାନଙ୍କୁ ଭଞ୍ଜନଗର କୋର୍ଟକୁ ଚାଲାଣ କରାଯାଇଛି ।

ସେହିପରି ଝରପାଲି ଗ୍ରାମରେ ଚାଲିଥିବା ଅନ୍ୟ ଏକ ଜୁଆ ଆଡ୍ଡା ଉପରେ ଗାଙ୍ଗପୁର ପୋଲିସ ଚଢ଼ଉ କରି ନଗଦ ୧୦ ହଜାର ୧୦୦ ଟଙ୍କା ଓ ୩ଟି ମୋବାଇଲ୍ ଜବତ କରିଛି । ଘଟଣାସ୍ଥଳରୁ ୬ ଜଣ ଜୁଆଡ଼ିଙ୍କୁ ଗିରଫ କରି ଆସିକା କୋର୍ଟକୁଚାଲାଣ କରିଛି । ଏ ସଂକ୍ରାନ୍ତରେ ଗାଙ୍ଗପୁର ଥାନାରେ ୮୮/୨୦ ରେ ଏକ ମାମଲା ରୁଜୁ ହୋଇଛି । ଗାଙ୍ଗପୁର ଡିଏସପି ସଞ୍ଜୟ କୁମାର ମହାପାତ୍ର ଓ ଥାନା ଅଧିକାରୀ ଧିରେଶ କୁମାର ଦାସ ସଦଳବଳେ ଏହି ଚଢ଼ଉ କରିଥିଲେ ।

ଗଞ୍ଜାମ ଜିଲ୍ଲାରେ ସମୂହ ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟ ଛତ୍ରପୁରରୁ ଆରମ୍ଭ

ଗଞ୍ଜାମ, (ପିଏନ)- ଗଞ୍ଜାମ ଜିଲ୍ଲାରେ ସମୂହ ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟ ଆଜି ଛତ୍ରପୁରରୁ ଆରମ୍ଭ ହୋଇଯାଇଛି । ପ୍ରତ୍ୟେକ ଟିମ୍ ରେ ଜଣେ ଲେଖାଏଁ ଅଙ୍ଗନବାଡ଼ି କର୍ମୀ, ହେଲପର୍ ଓ ଜଣେ ଶିକ୍ଷକ ରହିଛନ୍ତି । ଏମାନେ ଘରକୁ ଘର ବୁଲି କାହାର ଥଣ୍ଡା, ଜ୍ୱର, କାଶ ଆଦି କରୋନାର ପ୍ରାଥମିକ ଲକ୍ଷଣ ଦେଖାଦେଉଛି ସେନେଇ ସର୍ଭେ କରିବେ । ଯଦି କାହାରି ଠାରେ ଏ ମଧ୍ୟରୁ କୌଣସି ଲକ୍ଷଣ ପରିଲକ୍ଷିତ ହେଉଥାଏ , ତେବେ ଡ଼ାକ୍ତର ମାନେ ପରବର୍ତି ସମୟରେ ଏହାର ପରୀକ୍ଷା କରିବେ । ଏହି କାର୍ଯ୍ୟ ତିନି ଦିନ ମଧ୍ୟରେ ଶେଷ କରିବାକୁ ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେ ନିର୍ଦ୍ଦେଶ ଦେଇଛନ୍ତି ।

ଅନ୍ୟପକ୍ଷରେ ଜିଲ୍ଲାର ୪୦ ଲକ୍ଷ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ମାତ୍ର ତିନି ଦିନ ମଧ୍ୟରେ ସାରିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପ୍ରଶାସନ ପାଇଁ ଏକ ଚ୍ୟାଲେଞ୍ଜ ସଦୃଶ ହୋଇଛି ।

ଆପୋଲୋରେ ଚିକିତ୍ସିତ ହେଉଥିଲେ ୪୪ ତମ କରୋନା ଆକ୍ରାନ୍ତ

ଭୁବନେଶ୍ୱର , (ପିଏନ)- ଗୁରୁବାର ଚିହ୍ନଟ ହୋଇଥିବା ୨ ଜଣ କରୋନା ପଜିଟିଭ୍ ଙ୍କ ମଧ୍ୟରୁ ପଶ୍ଚିମବଙ୍ଗରୁ ଆସିଥିବା ୪୪ ତମ କରୋନା ରୋଗୀଙ୍କ ଟ୍ରାଭେଲ ହିଷ୍ଟ୍ରି ସମ୍ପର୍କରେ ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ ସମ୍ପୃକ୍ତ ଆକ୍ରାନ୍ତ ୬୯ ବର୍ଷୀୟ ବ୍ୟକ୍ତି ଜଣକ ମେଦିନିପୁର ଅଂଚଳରୁ ଏକ ଆମ୍ବୁଲାନ୍ସରେ ଗତ ୭ ତାରିଖରେ ଓଡ଼ିଶା ଆସିଥିଲେ। ତେବେ ରାସ୍ତାରେ ବାଲେଶ୍ୱର ବାଇପାସ୍ ରେ ଥିବା ଗ୍ରଁ ଷ୍ଟଲରେ ସେ ଅଟକିଥିଲେ। ୮ ତାରିଖ ସକାଳେ ସେ ଭୁବନେଶ୍ୱର ଆପୋଲୋ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ୯ ତାରିଖରେ ତାଙ୍କୁ କିମ୍ସ କୋଭିଡ୍-୧୯ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା ବୋଲି ସୂଚନା ଦିଆଯାଇଛି ।ଉଲ୍ଲେଖ୍ୟଯୋଗ୍ୟ ଯେ ଗୁରୁବାର ଦିନ ଗୋଟିଏ ଦିନରେ ରାଜ୍ୟରେ ୨ ଜଣ 'କରୋନା' ଚିହ୍ନଟ ହୋଇଛନ୍ତି। ସେମାନଙ୍କ ଭିତରୁ ଜଣେ ପଶ୍ଚିମବଙ୍ଗରେ ହୋଇଥିବା ବେଳେ ଅନ୍ୟ ଜଣେ ୫୧ ବର୍ଷୀୟା ମହିଳା ଢେଙ୍କାନାଳ ଜିଲ୍ଲାର। ଅକ୍ରାନ୍ତଙ୍କ ସମ୍ପର୍କରେ ଢେଙ୍କାନାଳ ଜିଲ୍ଲାପାଳ ଭୂପେଶ ଚନ୍ଦ୍ର ବେହେରା କହିଛନ୍ତି ଯେ, ମହିଳା ଜଣକ ବାହାରକୁ ଯାଇନଥିଲେ। କିନ୍ତୁ ବାହାରୁ ଆସିଥିବା ଧର୍ମ ପ୍ରଚାରକଙ୍କ ସଂସ୍ପର୍ଶରେ ଆସିଥିବାରୁ ତାଙ୍କୁ କ୍ୱାରେଂଟାଇନରେ ରଖାଯାଇଥିଲା। ତାଙ୍କ ସାମ୍ପୁଲ ଟେଷ୍ଟ ପରେ 'କରୋନା'ରେ ଆକ୍ରାନ୍ତ ହୋଇଥିବା ସ୍ପଷ୍ଟ ହୋଇଛି। 'କରୋନା' ଆକ୍ରାନ୍ତ ମହିଳାଙ୍କୁ କଟକର ଅଶ୍ୱିନୀ ହସ୍ପିଟାଲ ସ୍ଥାନାନ୍ତର କରାଯିବା ସହ ତାଙ୍କ ସଂସ୍ପର୍ଶରେ ଆସିଥିବା ୧୫ ଜଣଙ୍କୁ କ୍ୱାରେଂଟାଇନରେ ରଖାଯାଇଛି। ତେବେ ଅନ୍ୟ ଲୋକଙ୍କ କଂଟାଂଟ ଟ୍ରେସିଂ ସହ ସଂପୃକ୍ତ ଅଂଚଳକୁ ସାନିଟାଇଜ୍ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି।

ମୋଟର ଯାନ କର ପୈଠ ଅବଧି ୩୦ ଜୁନକୁ ଘୁଂଚିଲା

ଭୁବନେଶ୍ୱର , (ପିଏନ)- କରୋନା ଭୂତାଣୁ ସଂକ୍ରମଣକୁ ପ୍ରତିହତ କରିବା ଉଦ୍ଦେଶ୍ୟରେ ଭାରତ ସରକାର ତଥା ରାଜ୍ୟ ସରକାର ଜାରି କରିଥିବା ଲକ୍ ଡାଉନ୍ ପରିପ୍ରେକ୍ଷୀରେ ରାଜ୍ୟ ସରକାର ମୋଟର ଯାନ କର ପୈଠ ତାରିଖକୁ ଆଗାମୀ ଜୁନ୍ ୩୦ ତାରିଖକୁ ଘୁଂଚାଇ ଦେଇଛନ୍ତି । ଲକ୍ ଡାଉନ୍ ଯୋଗୁଁ ଯେଉଁ ଷ୍ଟେଜ୍ କ୍ୟାରେଜ୍/କଂଟ୍ରାକ୍ଟ କ୍ୟାରେଜ୍ଗୁଡ଼ିକ ଅପ୍ରେଲ୍ ମାସ ପାଇଁ ସେମାନଙ୍କର ମୋଟର ଯାନ ଟିକସ ଓ ଅତିରିକ୍ତ ଟିକସ ଦେଇ ନାହାନ୍ତି ସେଗୁଡ଼ିକ ଏହି ଅବଧି ମଧ୍ୟରେ ଟିକସ ପଇଠ କରିବେ । ସେହିପରି ଯେଉଁ ମାଲ୍ ପରିବହନ କରୁଥିବା ଗାଡ଼ିଗୁଡ଼ିକ ଅପ୍ରେଲ-ଜୁନ୍ ତ୍ରୈମାସିକ ମୋଟର ଯାନ ଟିକସ ପ୍ରଦାନ କରିନାହାନ୍ତି ସେମାନେ ମଧ୍ୟ ଏହି ଅବଧିରେ ଟିକସ ଦାଖଲ କରବାକୁ କୁହାଯାଇଛି । କୋଭିଡ୍-୧୯ ପରିପ୍ରେକ୍ଷୀରେ ଗାଡ଼ି ମାଲିକମାନଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ସରକାର ଏହି ଗ୍ରେସ୍ ଅବଧିକୁ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି ବୋଲି ବାଣିଜ୍ୟ ଓ ପରିବହନ ବିଭାଗ କର୍ତୃକ ବିଜ୍ଞପ୍ତି ଆଜି ପ୍ରକାଶ ପାଇଛି ।

କନ୍ଧମାଳ ଜିଲ୍ଲାର ସମସ୍ତ ପ୍ରବେଶ ପଥକୁ ସିଲ୍ କରିବାକୁ ଜିଲ୍ଲାପାଳଙ୍କ କଡ଼ା ନିର୍ଦ୍ଦେଶ

କନ୍ଧମାଳ, (ପିଏନ)- କରୋନା ସଂକ୍ରମଣକୁ ରୋକିବା ପାଇଁ ଜିଲ୍ଲାର ସମସ୍ତ ସୀମାକୁ କଡ଼ାକଡ଼ି ଭାବେ ସିଲ୍ କରିବା ସହ ସତର୍କ ନଜର ରଖିବା ଲାଗି ବୁଧବାର କନ୍ଧମାଳ ଜିଲ୍ଲାପାଳ ଡା. ବୃନ୍ଦା ଡି. ଜିଲ୍ଲାର ସମସ୍ତ ତହସିଲଦାର/ ବିଡିଓଙ୍କୁ ଚିଠି ଲେଖିଛନ୍ତି। ବୁଧବାର ଚିଠି ନଂ ୫୭୧/ ୮/୪/୨୦୨୦ରେ ଜିଲ୍ଲାପାଳ ଡା.ବୃନ୍ଦା ଡି କନ୍ଧମାଳ ଜିଲ୍ଲା ମଧ୍ୟକୁ ଯେକୌଣସି ପରିସ୍ଥିତିରେ ଯେପରି ବିନା ପାସ୍‌ରେ କୌଣସି ଗାଡି ଏଂଟ୍ରି ନକରିବ ସେଥିପ୍ରତି ସତର୍କ ଦୃଷ୍ଟି ରଖିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। କିଛି ଲୋକ ବିନା ଅନୁମତିରେ ଲୁଚି ଛପି ଜିଲ୍ଲା ମଧ୍ୟକୁ ପ୍ରବେଶ କରୁଛନ୍ତି, ଫଳରେ କରୋନା ସଂକ୍ରମଣର ଆଶଙ୍କା କରି ଏହି ପତ୍ର ଲେଖାଯାଇଥିବା ଜଣାପଡିଛି। ବମିଖାଲ ଘଟଣା ପରେ ଅନେକ କନ୍ଧମାଳ ଜିଲ୍ଲାର ଲୋକ ଗାଁକୁ ଭୟରେ ଲୁଚି ଛପି ଚାଲି ଆସୁଥିବା ନଜରକୁ ଆସିଛି। ଏହାକୁ ସଂପୂର୍ଣ୍ଣ ରୋକିବା ଲାଗି କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାଲାଗି ଜିଲ୍ଲାପାଳ ବୃନ୍ଦା ଡି ନିର୍ଦ୍ଦେଶ ଦେଇଛନ୍ତି। ବମିଖାଲ ଅଂଚଳର କିଛି ଲୋକ ଖଜୁରୀପଡା ବ୍ଲକ ଦୁତିପଡା ପଂଚାୟତର ବିଭିନ୍ନ ଗାଁକୁ ଫେରି ଲୁଚିଛପି ରହିଥିବା ଖବର ମିଳିବା ପରେ ପ୍ରଶାସନ ପକ୍ଷରୁ ସଂପୃକ୍ତ ଗାଁକୁ ସାନିଟାଇଜ କରାଯିବା ସହ ଘର ଘର ବୁଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯାଂଚ କରାଯାଇଥିଲା ଓ ୭ ଜଣଙ୍କ ସ୍ୱାବ୍ ସଂଗ୍ରହ କରି ଟେଷ୍ଟିଂ ପାଇଁ ପଠାଯାଇଛି। ରିପୋର୍ଟକୁ ଅପେକ୍ଷା କରିଛି ପ୍ରଶାସନ। ସେହିପରି ଜିଲ୍ଲା ମଧ୍ୟରୁ କେହି ଯେପରି ଅନ୍ୟ ଜିଲ୍ଲାକୁ କନ୍ଧମାଳ ଏସପିଙ୍କ ବିନା ପାସ୍ ରେ ଯାଇନପାରିବ ସେଥିପ୍ରତି ମଧ୍ୟ କଡ଼ା ନଜର ରଖିବାକୁ ଜିଲ୍ଲାପାଳ ଚିଠିରେ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ସୀମା ସିଲ୍ ଥିଲେ ମଧ୍ୟ ପୋଲିସର ହୁଗୁଳା ବ୍ୟବସ୍ଥା ଯୋଗୁଁ ଅନାୟାସରେ ବାହାରୁ ଲୋକେ ଗଳାବାଟ ଦେଇ ଜିଲ୍ଲା ମଧ୍ୟରେ ପଶି ଆସୁଥିଲେ। ତାକୁ ସଂପୂର୍ଣ୍ଣ ବନ୍ଦ କରିବାଲାଗି ଜିଲ୍ଲାପାଳ ଆଜି ଏହି ଚିଠି ଲେଖି କଡ଼ା ପଦକ୍ଷେପ ନେବାଲାଗି ବିଡିଓ/ ତହସିଲଦାରଙ୍କୁ ଜଣାଇଛନ୍ତି।

ଆବଶ୍ୟକ ହେଲେ ଅତ୍ୟାବଶ୍ୟକୀୟ ସାମଗ୍ରୀ ବ୍ୟବସାୟୀ ଓ ଚାଷୀ ମାନଙ୍କୁ ପାଶ୍ ଦିଆଯିବ : ଜିଲ୍ଲାପାଳ

ଯାଜପୁର, (ପିଏନ)- ଜିଲ୍ଲାରେ ଲକ୍ ଡାଉନ ଚାଲିଥିବା ବେଳେ ବ୍ରହ୍ମବରଦାର ତିନି କିଲୋମିଟର ପରିସର ମଧ୍ୟରେ ଥିବା ୧୨ ଗୋଟି ଗାଁ ଯଥା- ବ୍ରହ୍ମବରଦା, ଖଣ୍ଡସ, ବାଲିଗୁଡା, ଲେଙ୍କା ବାଲିସାହି, ମହେଶ୍ୱର, ଚାନ୍ଦପୁର, କୋଠିଡିହ, ବଡରିପଦା, ବାଙ୍କସାହି, ସାହାପଡା, ବନ୍ଧଡିହ ଓ ଦେଉଳିକୁ (ଆଂଶିକ) କଣ୍ଟେନମେଣ୍ଟ ଜୋନ୍ ଭାବେ ଅପ୍ରେଲ ୧୨ ତାରିଖଯାଏ ଘୋଷଣା କରାଯାଇଛି। ଗାଁ ରୁ ବାହାରକୁ ବା ବାହାରୁ ଗାଁ କୁ ପ୍ରବେଶ ପ୍ରସ୍ଥାନ ଉପରେ ରୋକ୍ ଲଗାଯାଇଛି । ତେବେ ଲୋକଙ୍କୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ଯୋଗାଣ ପାଇଁ ପ୍ରଶାସନ ଉଦ୍ୟମ କରିଚ୍ଛି ବୋଲି ଜିଲ୍ଲାପାଳ ରଂଜନ କୁମାର ଦାସ ସୂଚନା ଦେଇଚ୍ଛନ୍ତି। ପରିବା, ଗ୍ୟାସ ସିଲିଣ୍ଡର ଇତ୍ୟାଦି ଘର ପାଖରେ ପହଂଚାଇବାର ବ୍ୟବସ୍ଥା କରାଯାଇଛି। ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ମଧ୍ୟ ଚିକିତ୍ସକ ଓ ସ୍ୱାସ୍ଥ୍ୟ କର୍ମୀଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି ସେ ଅବଗତ କରାଇଚ୍ଛନ୍ତି ।

ଅପରପକ୍ଷରେ ଗୁରୁବାର ଠାରୁ ଜିଲ୍ଲାରେ ବାହାରକୁ ଆସିଲେ ମାସ୍କ ଲଗାଇବା ବାଧ୍ୟତାମୂଳକ କରାଯାଇଛି । କେବଳ କିଣା ବା ଦାମିକା ନୁହେଁ ଯେ କୌଣସି ପରିଷ୍କାର ଘର ତିଆରି ମାସ୍କ, ପଣତ କାନି ବା ଚୁନୁରୀକୁ ମଧ୍ୟ ମାସ୍କ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇପାରିବ ବୋଲି ସେ ସୂଚନା ଦେଇଚ୍ଛନ୍ତି । ପନିପରିବା ଦୋକାନ ସହ ଅତ୍ୟାବଶ୍ୟକୀୟ ସାମଗ୍ରୀ ଓ ହୋଲସେଲରେ ରିଟେଲର ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ ହୋଇଛି । ତେବେ କେତେକ ସ୍ଥାନରେ ପରିବା ନେଇ ଆସୁଥିବା ଚାଷୀ ଓ ବ୍ୟବସାୟୀ ମାନେ ବେପାର ସାରି ଫେଂରିବା ବେଳେ ପୋଲିସ ସେମାନଙ୍କୁ ଅଟକ ରଖୁଥିବାର ଅଭିଯୋଗ ଆସିବା ପରେ ଜିଲ୍ଲାପାଳ ତୁରନ୍ତ ଏହା ଉପରେ ପଦକ୍ଷେପ ନେଇ ନିର୍ଦ୍ଧାରିତ ହାଟରେ ବ୍ୟବସାୟ କରୁଥିବା ଚାଷୀ ବା ବ୍ୟବସାୟୀଙ୍କୁ ସଂପୃକ୍ତ ହାଟ ପରିଚାଳକ ସଂପୃକ୍ତ ବି.ଡି.ଓ. ବା ନିୟନ୍ତ୍ରିତ ବଜାର କମିଟି ସହ ଯୋଗାଯୋଗ ରଖି ଘର ଠାରୁ ହାଟ ପର୍ଯ୍ୟନ୍ତ ଯିବା ଆସିବାର ପାଶ୍ ପ୍ରଦାନ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି ।

ସେହିପରି ଗୋ ଖାଦ୍ୟ, ପଶୁ ପକ୍ଷୀ ଖାଦ୍ୟ, କୃଷି ପାଇଁ ବିହନ, ସାର, କୀଟନାଶକ ଇତ୍ୟାଦି ବିକ୍ରୟ ଏହି ସମୟ ମଧ୍ୟରେ କରିବାକୁ ଶ୍ରୀ ଦାସ କହିଥିଲେ । ଦୁଗ୍ଧ ଚାଷୀଙ୍କର କୌଣସି ସମସ୍ୟା ଥିଲେ ତାହାର ସମାଧାନ ପାଇଁ ପଶୁ ସମ୍ପଦ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଅପର ପକ୍ଷରେ ଜିଲ୍ଲାର ସ୍ୱୟଂ ସହାୟକ ଗୋଷ୍ଠୀ ମାନେ ମାସ୍କ ଓ ଗ୍ଲୋବସ୍ ପ୍ରସ୍ତୁତ କରି ଯୋଗାଇବାକୁ ସେ ପରାମର୍ଶ ଦେଇଛନ୍ତି । ସେହିପରି ସାନିଟାଇଜରର ଅଭାବ ଦୂର ପାଇଁ ଅନୁରୂପ ବ୍ୟବସ୍ଥା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ମାଧ୍ୟମରେ କରିବାକୁ ସେ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେବା ସହ ସମସ୍ତ ବିଭାଗ ନିଜ ନିଜର ମାଷ୍ଟର ଓ ମାଇକ୍ରୋ ପ୍ଲାନ କରି ଲୋକଙ୍କୁ କର୍ମ ନିଯୁକ୍ତିରେ ସହଯୋଗ ପାଇଁ ପରାମର୍ଶ ଦେଇଥିଲେ ।

ଏହି ବୈଠକରେ ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ରାଜସ୍ୱ ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ କୁମାର ମଲ୍ଲିକ, ଯାଜପୁର ଅତିରିକ୍ତ ଜିଲ୍ଲାପାଳ ମିହିର ପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ନାରାୟଣ ଚନ୍ଦ୍ର ଧଳ, ଜିଲ୍ଲାପାଳଙ୍କ ସ୍ୱତନ୍ତ୍ର ଅଧିକାରୀ କୁଳମଣି ନାୟକ, ଯାଜପୁର ବି.ଡି.ଓ. ସୌରଭ ଚକ୍ରବର୍ତ୍ତୀ, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com,paryabekhyak2020@rediffmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray